**ସଂକ୍ଷେପରେ**

## ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲେଶ୍ୱର ଅଫିସ,୪।୧-** ବାଲେଶ୍ୱର ଜିଲା ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ୧୮ତମ ବାର୍ଷିକ ଉତ୍ସବ ଓ ମହାତ୍ମା ଲୁଇସବ୍ରେଲଙ୍କ ୨୧୧ତମ ଜୟନ୍ତୀ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଥମେ ସତ୍ୟରଞ୍ଜନ ମହାନ୍ତି ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଲୁଇବ୍ରେଲଙ୍କ ବନ୍ଦନା କରାଯାଇଥିଲା। ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ, ଜ୍ୟୋତିର୍ମୟୀ ଦାସ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବରିଷ୍ଠ ରୋଟାରିୟାନ୍ ସୁବ୍ରତ କର ମଞ୍ଚ ପରିଚାଳନା କରିଥିବା ବେଳେ ଉଦ୍‌ଘାଟକ ଭାବେ ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ସରକାର ପ୍ରସ୍ତୁତ କରିଥିବା ସୁବିଧା ସୁଯୋଗ ଏବଂ ନିୟମଗୁଡ଼ିକୁ ସଠିକ୍ ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କୃତିତ୍ୱକୁ ପ୍ରଶଂସା କରିଥିଲେ। ଅତିଥି ଭାବେ ଉପଜିଲାପାଳ ନିଲୁ ମହାପାତ୍ର, ଭୁବନେଶ୍ୱର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା, ବାଲେଶ୍ୱର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ, ଶ୍ରଦ୍ଧାଞ୍ଜଳି ରାୟ, ସାମାଜିକ ଅନୁଷ୍ଠାନର 'ଦି ୱେଲଫେୟାର'ର ସଭାପତି ଧ୍ରୁବଚରଣ ରଣା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଦିବାକର ସ ବାର୍ଷିକ ବିବରଣୀ ପାଠ କରିଥିଲେ। ଭୁବନେଶ୍ୱରରୁ ଆତିଥ୍ୟ ଗ୍ରହଣ କରି ଆସିଥିବା ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଓ ଡିଏସ୍‌ଏସ୍‌ଓ ଭୁବନେଶ୍ୱର ମୁଖ୍ୟାଳୟର ସନ୍ନ୍ୟାସୀ କୁମାର ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅତିଥିଙ୍କ ଦ୍ୱାରା ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଅଜୟ କୁମାର ପ୍ରଧାନଙ୍କୁ ପାଲିତ ମେମୋରିଆଲ ପୁରସ୍କାର ପ୍ରଦାନ ଓ ଛାତ୍ର ମିଥୁନ ତ୍ରିବିଦଙ୍କୁ ତପନ ମୋମୋରିଆଲ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରିୟବ୍ରତ ମହାନ୍ତି, ସୁଷମା ପଣ୍ଡା, ଶାରଦା ନନ୍ଦନ ପାଲିତ, ସୁଜାତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ଶାନ୍ତନୁ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ କଥାମୃତ ଉଦ୍‌ଘାଟିତ

**ଜଳେଶ୍ୱର,୪।୧(ଡି.ଏନ.ଏ.)-** ଜଳେଶ୍ୱର ସତ୍ୟନାରାୟଣ ମନ୍ଦିର ପରିସରରେ ୭ଦିନ ବ୍ୟାପି ଭାଗବତ କଥାମୃତ ଉତ୍ସବର ଉଦ୍‌ଘାଟନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭକ୍ତମାନଙ୍କର ଏକ ଭାଗବତ ଶୋଭାଯାତ୍ରା ସହର ପରିକ୍ରମା କରି ସତ୍ୟନାରାୟଣ ମନ୍ଦିରସ୍ଥିତ ଉତ୍ସବସ୍ଥଳରେ ପହଞ୍ଚିଥିଲା। ବୃନ୍ଦାବନ ଧାମ ଇସ୍କନର ବିଶିଷ୍ଟ ପ୍ରବଚକ ରମାକାନ୍ତ ପ୍ରଭୁଜୀଙ୍କ ଦ୍ୱାରା ଏହି ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୯ତାରିଖ ଯାଏ ୭ଦିନ ଧରି ଚଲିବ ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରବୀର କୁମାର ପ୍ରଧାନ, ଶିରିଶ ଚୌହାନ, କାହ୍ନାୟଲାଲ ଜାଜୁ ଓ ରାଧାଶ୍ୟାମ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଚନ୍ଦନ ଦାସ, ନାରାୟଣ ଦତ୍ତ, ଚିତ୍ତରଞ୍ଜନ ଦାସ, ବନମାଳୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବର୍ଷାପାଗ ସହିତ ଥଣ୍ଡା ପଡ଼ିଥିଲେ ମଧ ପ୍ରଥମ ଦିନରେ ଏହି ପ୍ରବଚନକୁ ଶୁଣିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

■ ଖଇରା ବଜାରରେ ବାରମ୍ବାର ଦୁର୍ଘଟଣା

# ପ୍ରତିବାଦରେ ରାସ୍ତା ଅବରୋଧ

**ଖଇରା, ୪।୧(ଡି.ଏନ.ଏ.)**

ସୋର-କୁପାରୀ ରାଜ୍ୟ ରାଜପଥର ଖଇରା ବଜାରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ କ୍ରମାଗତ ଦୁର୍ଘଟଣା ଘଟୁଛି। ରାସ୍ତାରେ ବାଲି ଜମା ହେବା ଯୋଗୁ ଜଣେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହାର ପ୍ରତିବାଦ କରି ଶନିବାର ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ଦୀର୍ଘ ୧ଘଣ୍ଟା ଧରି ରାସ୍ତାର ଉଭୟପାର୍ଶ୍ୱରେ ଗାଡି ଅଟକି ରହିଥିଲା। ପରେ ଖଇରା ତହସିଲଦାର ପ୍ରଦୀପ ସାହୁ ଏବଂ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ଏବଂ ଖଇରା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


ସୋର-କୁପାରୀ ରାସ୍ତା କୁ ଲୋକମାନେ ଅବରୋଧ କରିଛନ୍ତି।

ରାଜ୍ୟ ରାଜପଥ ନିର୍ମାଣ ସମୟରେ ଟ୍ରାଫିକ ବ୍ୟବସ୍ଥାକୁ ଦୃଷ୍ଟି ଦିଆଯାଇ ନ ଥିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ପାର୍କିଂ କରାଯାଉଛି। ବିଶେଷକରି ଘର ତିଆରି ପାଇଁ କଞ୍ଚାମାଲ ସଂଗ୍ରହ କରୁଥିବା ବ୍ୟକ୍ତିମାନେ ମାସ ମାସ ଧରି ରାସ୍ତା ଉପରେ ପକାଇ ରଖୁଛନ୍ତି। ଫଳରେ ରାସ୍ତା ସଂକୁଚିତ ହେବା ସହ ଦୈନନ୍ଦିନ ଦୁର୍ଘଟଣା ଘଟିଚାଲିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ଜାଣି ନ ଜାଣିଲା ଭଳି ଚୁପ୍ ହୋଇ ବସିଛନ୍ତି। ଶନିବାର ଖଇରା ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶନୀ ବାରିକ ସ୍କୁଲକୁ ଯାଉଥିବା ବେଳେ ଏକ ମେଡିସିନ ଷ୍ଟୋର ସମ୍ମୁଖରେ ରାସ୍ତା ଉପରେ ବାଲି ରଖାଯାଇଥିବା କାରଣରୁ ବାଇକ ଅଙ୍କିତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଆହତ ହେବା ସହ ମୁହଁରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀ ଜୟଦେବ ବେହେରା, ସନ୍ତୋଷ ଶତ୍‌ପଥି, ରଞ୍ଜନ ରାଉତ, ଲକ୍ଷ୍ମୀଧର ସାହୁ, ପୂର୍ଣ୍ଣଚନ୍ଦ୍ର ମୁଖୀ, ଡମ୍ବରୁଧର ମହାନ୍ତି, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ ଲୋକ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ। ତହସିଲଦାର ସାହୁ ଓ ଖଇରା ଏଏସ୍‌ଆଇ ପ୍ରଦୀପ ମହାନ୍ତି ବଜାର କମିଟି ସହ ଆଲୋଚନା ପରେ ରାସ୍ତାକଡରୁ ବାଲିଗଦା ତଥା ବ୍ୟାନର ଫଳକ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ବ୍ୟବସ୍ଥାରେ ସୁଧାର ପାଇଁ ପ୍ରତିଶ୍ରୁତି ଦେବା ପରେ ବାଇକ ଓ ବସ୍ ଚଳାଚଳ ପୂର୍ବଭଳି ଚାଲୁ ରହିଥିଲା।

■ ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

# 'ନୂତନ ଚିନ୍ତନ ହିଁ ସୃଷ୍ଟିର ଆଧାର'



ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ,୪।୧**

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଜିଲାସ୍ତରୀୟ ପ୍ରୋତ୍ସାହନ ପ୍ରାପ୍ତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ଜିଲାର ସମସ୍ତ ବିଦ୍ୟାଳୟରୁ ସମୁଦାୟ ୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ରତିକାନ୍ତ ବେହେରାଙ୍କ ସଂଯୋଜନାରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରି ନୂତନ ଚିନ୍ତନ ହିଁ ସୃଷ୍ଟିର ଆଧାର ବୋଲି କହିଥିଲେ। ଉତ୍ସବରେ ସଦର ବ୍ଲକ ଶିକ୍ଷାଧିକାରୀ କବିତା ଜେନା, ରାଜ୍ୟ ସମୀକ୍ଷକ ରାହୁଲ ପ୍ରକାଶ, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ଜିଲା ସ୍କୁଲ ପ୍ରଧାନଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଖଇରା ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ଅଧାପକ ପଙ୍କଜ କୁମାର ଜେନା ଓ ସତ୍ୟନାରାୟଣ ସାହୁ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ।

**୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ**

ସମସ୍ତ ପ୍ରକଳ୍ପରୁ ୭ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲା। ସାଉଡ଼ ଶିବପ୍ରସାଦ ନୋଡ଼ାଲ ହାଇସ୍କୁଲର ଶୁଭଶ୍ରୀ ନାୟକ, ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ହାଇସ୍କୁଲର ସତ୍ୟଜିତ ଜେନା, ମଧୁପୁରା ୟୁଏନ୍ ନୋଡ଼ାଲ ୟୁପି ସ୍କୁଲର ବିପ୍ଳବ କୁମାର ଘୋଷ, ଜଳେଶ୍ୱରପୁର ହାଇସ୍କୁଲର ସ୍ୱୟଂଶା ସତ୍ୟପ୍ରଜ୍ଞା ପ୍ରଧାନ, ନହଙ୍ଗା ସରକାରୀ ବିଦ୍ୟାଳୟର ଶୁଭଶ୍ରୀ ମହଲା, ରେମୁଣା ହାଇସ୍କୁଲର ତାମଲ ଶ୍ୟାମ ସିଂହ, ଦଣ୍ଡପଳାସା ଏସ୍‌ପିଜି ହାଇସ୍କୁଲର ମନୀଷା ସାହୁଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଶିକ୍ଷକ ଦେବେନ୍ଦ୍ର ମହାନ୍ତି, ହିରଣ୍ମୟ ମହାପାତ୍ର, କୌଶିକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିକ୍ଷା ବିନା ସମାଜର ବିକାଶ ଅସମ୍ଭବ


ସୁବର୍ଣ୍ଣ ଜୟନ୍ତୀରେ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

**ଭୋଗରାଇ,୪।୧(ଡି.ଏନ.ଏ.)**

ଶିକ୍ଷା ଆଣେ ଚେତନା। ଚେତନାର ବିକାଶ ହେଲେ ଦେଶ ହୁଏ ଉନ୍ନତ। ଯେଉଁ ଦେଶ ଯେତେ ଶିକ୍ଷିତ ସେ ଦେଶ ସେତେ ବିକଶିତ। ଶିକ୍ଷାର ଉନ୍ନତି ଘଟିଲେ ସମାଜ ହୁଏ ମଧୁମୟ। ତେଣୁ ଓଡ଼ିଶା ସରକାର ଶୈକ୍ଷିକ ପରିବେଶର ଉନ୍ନତି ପାଇଁ ମୋ ସରକାରର ୫-ଟି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି ଶୁକ୍ରବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାଲିମ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ସମାରୋହରେ ଜିଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଜ୍ଞାନାନନ୍ଦ ସାଗର ବେହେରା, ସମ୍ମାନନୀୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଦାସ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଶିକ୍ଷକନେତା ରାଜେନ୍ଦ୍ର ବିକାଶ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସ୍କୁଲ ପ୍ରଧାନଶିକ୍ଷକ ହରିଶ ଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୁରାତନ ଛାତ୍ର ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ଜୟତୁ ଗୋପାଳ କୃଷ୍ଣ' ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରବଳବର୍ଷା ସତ୍ତ୍ୱେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷାପ୍ରେମୀ, ଶିକ୍ଷକ ସଂଘର ନେତୃବୃନ୍ଦ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ପତିରାଜପୁରରେ ସ୍ମୃତି ସଭା

**ଖଇରା,୪।୧(ଡି.ଏନ.ଏ.)**

ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳା ପରିଚାଳନା କମିଟିର ଜଣେ ସକ୍ରୀୟ କର୍ମକର୍ତ୍ତା ଦୈତାରୀ ସାମଲ (୭୦)ଙ୍କର ଶନିବାର ପରଲୋକ ହୋଇଯାଇଛି। ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

■ ସଡ଼କ ସୁରକ୍ଷା ସଚେତନତା ଯାତ୍ରା

# ବାଲେଶ୍ୱରରୁ ବାନ୍ଧବଗଡ଼ ଯାତ୍ରା

**ବାଲେଶ୍ୱର ଅଫିସ, ୪।୧**

ବାଲେଶ୍ୱର ରୟାଲ ଏନ୍‌ଫିଲ୍ଡ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଯାତ୍ରା ଶନିବାର ମଧାହ୍ନରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କ୍ଲବର ମୋଟ୍ ୪୨ଜଣ ସଦସ୍ୟ ୨୦ଟି ବୁଲେଟ୍‌ରେ ସହର ପରିକ୍ରମା କରିବା ସହ ଆଖପାଖ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ଅଭିଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ନରେନ୍ଦ୍ର ବିହାରୀ ଦାସ, ଭୁବନ ଦାସ, ସିମନ ଦାସମହାପାତ୍ର, ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ସଚେତନତା ଯାତ୍ରାକୁ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶୁଭାରମ୍ଭ କରୁଛନ୍ତି।

ରବିବାର ବାଲେଶ୍ୱରରୁ କ୍ଲବ ସଦସ୍ୟମାନେ ବାହାରି ମଧ୍ୟପ୍ରଦେଶର ବାନ୍ଧବଗଡ଼କୁ ଯାତ୍ରା କରିଛନ୍ତି। ତାଳଚେର, ଅନୁଗୁଳ, ଝାରସୁଗୁଡ଼ା ହୋଇ ବୁଲେଟ୍ ଟିମ୍ ବାନ୍ଧବଗଡ଼ରେ ପହଞ୍ଚିବେ। ବାଟରେ ମୁଖ୍ୟ ସ୍ଥାନରେ ଅଟକି ସେଠାରେ ଲୋକମାନଙ୍କୁ ସଡ଼କ ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରିବେ। ଜାନୁୟାରୀ ୧୧ତାରିଖରେ ଅଭିଯାତ୍ରୀମାନେ ବାନ୍ଧବଗଡ଼ରୁ ବାହାରି ବାଲେଶ୍ୱର ଅଭିମୁଖେ ଫେରିବେ ବୋଲି କ୍ଲବ ସମ୍ପାଦକ ସୌମେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଗତ ୨୦୧୨ରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ସମଗ୍ର ଓଡ଼ିଶା ପରିକ୍ରମା ଶେଷ ହୋଇଥିବାବେଳେ ଏବେ ପଡ଼ୋଶୀ ରାଜ୍ୟକୁ ଏହି ଅଭିଯାନରେ ସାମିଲ କରାଯାଉଛି।

# ଛାତ୍ରାବାସ ଗୃହ ଶିଳାନ୍ୟାସ କଲେ ବିଧାୟକ

**ସଜନାଗଡ଼, ୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ତେଲିପାଳ ପଞ୍ଚାୟତର ତେଲିପାଳ ଆଶ୍ରମ ସ୍କୁଲ ବିଦ୍ୟାଳୟର ଛାତ୍ରାବାସ ଗୃହକୁ ଶନିବାର ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶିଳାନ୍ୟାସ କରିଛନ୍ତି। ଏହି ଗୃହ ନିର୍ମାଣ ଲାଗି ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ୨,୮୮,୪୪,୬୭୬ ଟଙ୍କା ଅଟକଳ କରାଯାଇଛି। ଏହି ଅବସରରେ ବଣସୀମା ମଣ୍ଡଳର ସଭାପତି ଅକ୍ଷୟ କୁମାର ବେହେରା, ତେଲିପାଳର ସରପଞ୍ଚ ସାରେଲ ବାସ୍‌କେ, ସମିତିସଭ୍ୟ ରାଜେଶ ସିଂ, ସମାଜସେବୀ ଉପେନ୍ଦ୍ର ଦାସ, ଗଜେନ୍ଦ୍ର ମାଝି, ସୁରେଶ ଶଙ୍ଖୁଆ, ଦିଲୀପ ବାରିକ, କବିତା ମାଝି, ରଞ୍ଜନ ଶଙ୍ଖୁଆ ଓ ଅଶୋକ ସିନିନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ

■ ଶିବାନୀଙ୍କ ଆତ୍ମହତ୍ୟା ଘଟଣା

# ବାପାଙ୍କ ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ

**ରାଇରଙ୍ଗପୁର, ୪।୧ (ଡି.ଏନ.ଏ.)**

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଗ୍ରାମ କାରଗିଲ ଛକ ବସ୍ତି ଅଞ୍ଚଳର ଗୋବିନ୍ଦ କାରୁଆଙ୍କ ଘରୁ ନୂଆବର୍ଷ (ବୁଧବାର) ଦିନ ତାଙ୍କ ସ୍ତ୍ରୀ ଶିବାନୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଶିବାନୀ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଗୋବିନ୍ଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦୨୦) ରୁଜୁ କରିବା ସହ ରାଇରଙ୍ଗପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଥିଲା। ହେଲେ ଶିବାନୀଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ତୁରାମ ପୂର୍ତ୍ତି ଭିନ୍ନ ଅଭିଯୋଗ କରିଛନ୍ତି। ତାଙ୍କ ଝିଅଙ୍କୁ ଜ୍ୱାଇଁ ଗୋବିନ୍ଦ କାରୁଆ, ଶାଶୁ ଓ ଶ୍ୱଶୁର ମିଳିତ ଭାବେ ଯୌତୁକ ପାଇଁ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଏନେଇ ମାମଲା(ନଂ. ୩/୨୦୨୦) ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୨୦୧୮ ଜାନୁୟାରୀରେ ଗୋବିନ୍ଦ କାରୁଆଙ୍କ ସହ ଶିବାନୀଙ୍କ ବିବାହ ହୋଇଥିଲା। ଉଭୟଙ୍କ ବିବାହର କିଛି ମାସ ପରେ ୫୦ହଜାର ଟଙ୍କା ଯୌତୁକ ଦାବି କରି ଶାଶୁଘର ଲୋକେ ଶିବାନୀଙ୍କ ପ୍ରତି ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ମଙ୍ଗଳବାର ସନ୍ଧ୍ୟାବେଳେ ଶିବାନୀଙ୍କୁ ତାଙ୍କ ସ୍ୱାମୀ ଏବଂ ଶାଶୁ, ଶ୍ୱଶୂର ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମାମଲାର ତଦନ୍ତ ଚଳାଇଛି।

# ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

**ଭୋଗରାଇ, ୪।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭୋଗରାଇରେ ଦୁଇଟି ପର୍ଯ୍ୟାୟରେ ୭୬କୋଟି ଓ ୨ଶହ ୧୦କୋଟି ଅନୁଦାନରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ସମିତିସଦସ୍ୟ, ସରପଞ୍ଚ, ଜିଲାପରିଷଦ ଓ ବିଭାଗୀୟ ଅଧିକାରୀଙ୍କଠାରୁ ବିଧାୟକ ପଚାରି ବୁଝିଥିଲେ। ଭୋଗରାଇରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚ, ସମିତିସଦସ୍ୟ ଓ ଜିଲାପରିଷଦ ସଦସ୍ୟମାନେ ବିଭାଗୀୟଙ୍କ ଉଦାସୀନତା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ପାଇଁ ଦାବି କରିଥିଲେ। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଭୋଗରାଇରେ ବିଶୁଦ୍ଧ ଜଳ ଯୋଗାଣ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରି ଏହାକୁ କାର୍ଯ୍ୟକାରୀ ନ କଲେ ବିଭାଗ ଏଥିପାଇଁ ଦାୟୀ ରହିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଗ୍ରାମ ଉନ୍ନୟନ, ପୂର୍ତ୍ତ, ଜଳସେଚନ, ପାଣି ନିଷ୍କାସନ ବିଭାଗର କାର୍ଯ୍ୟ ସମସ୍ୟା ଉପରେ ଦୀର୍ଘ ସମୟ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲା ପ୍ରକଳ୍ପ ଅଧିକାରୀ ରାମଚନ୍ଦ୍ର ଜେନା, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ରାଖାଲ ଚନ୍ଦ୍ର ପରିଡ଼ା, ବିଭାଗୀୟ ଉଚ୍ଚସ୍ତରୀୟ ଅଧିକାରୀ, ସମିତିସଦସ୍ୟ, ସରପଞ୍ଚ ଓ ଜିଲାପରିଷଦ ସଦସ୍ୟମାନେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ ଏବଂ ସମସ୍ୟାର ସମାଧାନ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟ କରିବାକୁ ଆଲୋଚନା ସେ ଦାବି କରିଥିଲେ।


ବୈଠକରେ ବିଧାୟକ ଅନନ୍ତ ଦାସ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

■ ଜାତୀୟ ରାଜପଥରେ ଘଟୁଛି ଦୁର୍ଘଟଣା

# ଜାତୀୟ ମାନବାଧିକାର ଆୟୋଗଙ୍କ ନୋଟିସ

**ଭଦ୍ରକ ଅଫିସ,୪।୧**

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ମୁଖ୍ୟତଃ ଦୁର୍ଘଟଣାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଏବଂ ଆହତ ହେବା ଘଟଣା ଉପରେ ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ ରାଜପଥ ଏବଂ ପରିବହନ ସଚିବଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ମଧରେ ରିପୋର୍ଟ ତଲବ କରିଛନ୍ତି। ସୁପ୍ରିମକୋର୍ଟ ଓକିଲ ତଥା ଭଦ୍ରକର ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଆବେଦନକୁ ବିଚାର କରି ଜାତୀୟ ମାନବାଧିକାର ଆୟୋଗ ଏହି ନୋଟିସ ଜାରି କରିଥିବା ସୂଚନା ମିଳିଛି।

ଗତ ସେପ୍ଟେମ୍ବର ୧୦ରେ ଏହି ଜାତୀୟ ରାଜପଥର ମୋଟେଲ ଛକଠାରେ ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଏହାପୂର୍ବରୁ ୨୦୧୮ ଜୁଲାଇ ୧୯ରେ ରାଣୀତାଲ ନିକଟରେ ଟ୍ରକ୍ ଚାପାରେ ୫ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଓ ୪ ଆହତ ଘଟଣାକୁ ରାଜ୍ୟ ସରକାର ଓ କେନ୍ଦ୍ର ରାଜପଥ ମନ୍ତ୍ରାଳୟ ଗୁରୁତ୍ୱର ସହ ଗ୍ରହଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ମାନବାଧିକାର କର୍ମୀ ତ୍ରିପାଠୀ ଆବେଦନରେ ଦର୍ଶାଇଛନ୍ତି। ରାଣୀତାଲ ଛାତ୍ରୀଛାତ୍ରଙ୍କ ମୃତାହତ ଘଟଣାରେ ତାଙ୍କ ଆବେଦନ କ୍ରମେ ରାଜ୍ୟ ସରକାର ନିଜ ରିପୋର୍ଟରେ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଉଲ୍ଲେଖ କରି ଜାତୀୟ ମାନବାଧିକାର ଆୟୋଗଙ୍କୁ ଜଣାଇଥିଲେ। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ରିପୋର୍ଟ ଆଧାରରେ ପୂର୍ବ ମାମଲା ବନ୍ଦ କରାଯାଇଥିଲା। ମାତ୍ର ଗତ ସେପ୍ଟେମ୍ବର ଦୁର୍ଘଟଣା ପରେ ସେ ଜାତୀୟ ରାଜପଥ ଅଧିକାରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ଦୁର୍ଘଟଣାପ୍ରବଣ ସ୍ଥାନରେ ସାଇନ୍‌ବୋର୍ଡ, ସ୍ପିଡବ୍ରେକର ନ ଥିବା, ବ୍ଲାକ ସ୍ପଟ ଚିହ୍ନଟ କରିବାରେ ଅହେତୁକ ବିଳମ୍ବ, ସ୍ଥାନେ ସ୍ଥାନେ ଫ୍ଲାଇଓଭର ତଥା ବ୍ରିଜ ନିର୍ମାଣ, ଜିଲାରେ ଆନୁପାତିକ ଭାବେ ଟ୍ରାଫିକ ପୋଲିସଙ୍କ ଅଭାବ ଆଦି ସଙ୍ଗୀନ ବିଷୟ ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଥିଲେ। ଓଡ଼ିଶା ସରକାର ମାଗଣାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାଇକେଲ ଯୋଗାଉଛନ୍ତି। କିନ୍ତୁ ସାଇକେଲ ଆରୋହୀଙ୍କ ସୁରକ୍ଷା ଓ ସେମାନଙ୍କୁ ବୀମାଭୁକ୍ତ କରାଇବାକୁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନେଇନାହାନ୍ତି। ଭଦ୍ରକ ଜିଲାରେ ରାଜପଥରେ ଦୁର୍ଘଟଣା ରୋକିବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ପରିବାରକୁ ୫୦ଲକ୍ଷ ଏବଂ ଆହତଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦେବାକୁ ସେ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃୟାରୀ ୬ ତାରିଖ ଧାର୍ଯ୍ୟ କରାଯାଇଛି। ୨୦୨୦ ଆରମ୍ଭରୁ ଭଦ୍ରକ ସହର ରାଜପଥରେ ଦୁର୍ଘଟଣାରେ ପୁଣି ୨ ଜଣଙ୍କ ମୃତ୍ୟୁ ଘଟଣାକୁ ଅତି ସ୍ପର୍ଶକାତର କରିଦେଇଥିବା ମାନବାଧିକାର କର୍ମୀ ତ୍ରିପାଠୀ ପ୍ରତିକ୍ରିୟା ରଖିଛନ୍ତି।

## ସଂକ୍ଷେପରେ

### ଗାଡ଼ିଆରେ ପଡ଼ି ଶିଶୁ ମୃତ

**ଭଦ୍ରକ ଅଫିସ, ୪।୧:** ଭଦ୍ରକ ଗ୍ରାମାଞ୍ଚଳ ଥାନା କାଉପୁର ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗାଁର ବୁଦ୍ଧିରାମ କୁଅଁରଙ୍କ ୫ ବର୍ଷର ପୁଅ ପ୍ରଶାନ୍ତ ଘରପାଖ ଗାଡ଼ିଆରେ ପଡ଼ିଯିବାରୁ ଶନିବାର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ପରିବାର ଲୋକ ପ୍ରଶାନ୍ତଙ୍କୁ ଗାଡ଼ିଆରୁ ଉଦ୍ଧାର କରି ଚିକିତ୍ସା ପାଇଁ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ।

### କବାଟ ଭାଙ୍ଗି ଟଙ୍କା ସହ ଅଳଙ୍କାର ଚୋରି

**ଭଦ୍ରକ ଅଫିସ, ୪।୧:** ଭଦ୍ରକ ପୁରୁଣାବଜାର ଥାନା ଅଧୀନ ହଳଦୀଡିହ ନାଥସାହି ଗ୍ରାମର ମାନସ କୁମାର ରଥଙ୍କ ଘର କବାଟ ଭାଙ୍ଗି ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଛି। ଏ ନେଇ ସେ ଶୁକ୍ରବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୬/୨୦) ରୁଜୁ କରି ତଦନ୍ତ ଚଳାଇଛି। ମାନସଙ୍କ ଅଭିଯୋଗ ଅନୁଯାୟୀ, ଗତ ଗୁରୁବାର ରାତିରେ ପରିବାର ଲୋକ ଘରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ଘରେ ଥିବା ବାକ୍ସ ଓ ୨ଟି ଆଟାଚ୍‌ରୁ ପ୍ରାୟ ୭୦ ହଜାର ଟଙ୍କା, ଏକ ମୋବାଇଲ ଓ ଗୋଟିଏ ହଳ ସୁନା କାନଫୁଲ ଚୋରି କରି ନେଇଯାଇଛନ୍ତି। ଆଟାଚ୍ ଦୁଇଟିକୁ ସ୍ଥାନୀୟ ବିଲରେ ଫିଙ୍ଗି ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି।

### ଅପ୍ରାକୃତିକ ଯୌନସମ୍ପର୍କ ରଖି ବିବାହିତ ଯୁବକ ଗିରଫ

**ଭଦ୍ରକ ଅଫିସ, ୪।୧:** ଅପ୍ରାକୃତିକ ଯୌନସମ୍ପର୍କ ରଖି ଫେରାର ଥିବା ଜଣେ ବିବାହିତ ଯୁବକଙ୍କୁ ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଡାକଚୁକିଆ ମହଲାର ଶେଖ୍ ଅନୱର(୩୦)। ଏ ନେଇ ସେହି ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଗତ ଡିସେମ୍ବର ୨୮ରେ ଥାନାରେ ଏତଲା ଦେବା ପରେ ଏକ ମାମଲା (ନଂ.୨୬୮/୧୯) ରୁଜୁ କରାଯାଇଛି। ଉକ୍ତ ଦିନଠାରୁ ଶେଖ୍ ଅନୱର ଫେରାର ଥିଲେ। ଶୁକ୍ରବାର ରାତିରେ ଘରୁ ତାଙ୍କୁ ଗିରଫ କରାଯାଇଥିଲା। ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ପ୍ରିୟଦର୍ଶନ ସେଠୀ କହିଛନ୍ତି।

### ଶିଶୁ ପ୍ରତିଭା ଅନ୍ୱେଷଣ ଉତ୍ସବ

**ବନ୍ତ, ୪।୧(ସ୍ୱ.ପ୍ର.):** ବନ୍ତ ବ୍ଲକ କାଦବରାଙ୍ଗ ଉତ୍କଳ ଯୁବକ ସଂଘ ପକ୍ଷରୁ ୭ମ ବାର୍ଷିକ ଶିଶୁ ପ୍ରତିଭା ଅନ୍ୱେଷଣ ଉତ୍ସବ ଉଦ୍‌ଘାଟିତ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ଉତ୍ସବକୁ ସଂଘର ଉପଦେଷ୍ଟା ରାମେଶ୍ୱର ଭାରତୀ ପତାକା ଉତ୍ତୋଳନ କରିବା ପରେ ଶିକ୍ଷାବିତ୍ କୃତିବାସ ପଣ୍ଡା ଉଦ୍‌ଘାଟନ କରିଥିଲେ। ପରେ ଅବସରପ୍ରାପ୍ତ ବୀମା କମ୍ପାନୀ ମ୍ୟାନେଜର ଅଗଣି ଚରଣ ଜେନାଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ହରିହର ପାଣିଗ୍ରାହୀ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ ଓ କାଦବରାଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରେକୃଷ୍ଣ ପୃଷ୍ଟି ଯୋଗଦେଇ ଏପରି କାର୍ଯ୍ୟକ୍ରମ ମାଧମରେ ଶିଶୁମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ଲୋକଲୋଚନକୁ ଆସିଥାଏ ବୋଲି କହିଥିଲେ। ସଂଘର ସଭାପତି ଜଗନ୍ନାଥ ନାୟକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପର୍ଶୁରାମ ପଡ଼ିହାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟ କେଦାର ରାଉତ ଧନ୍ୟବାଦ ଦେଇଥିଲେ। ଶିଶୁମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ରତିସ ଜେନା, ଉପେନ୍ଦ୍ର ବିଶ୍ୱାଳ, ସଙ୍ଗୀତା ପାଣିଗ୍ରାହୀ, ପ୍ରକାଶ ନାୟକ, ଗଙ୍ଗାଧର ଜେନା ଓ ଅଚ୍ୟୁତାନନ୍ଦ ଗିରି ଯୋଗ ଦେଇଥିଲେ। ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବର୍ଷାରେ ଭିଜିଲା ଅମଳ ଧାନ

**ବନ୍ତ,୪।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇଛି। ଗତ ନଭେମ୍ବରରେ ବୁଲବୁଲ୍ ବାତ୍ୟାରେ ଧାନ ଫସଲ ନଷ୍ଟ ହୋଇଥିଲା। ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳି ନ ଥିବାବେଳେ ଏବେ ଅଦିନିଆ ବର୍ଷା ଦାଉ ସାଧୁଛି। ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବର୍ତ୍ତମାନ ସୁଦ୍ଧା ବ୍ଲକର ଅର୍ଦ୍ଧାଧିକ ଚାଷଜମିରେ ଧାନ ଅମଳ ହୋଇପାରି ନାହିଁ। କେତେକ ସ୍ଥାନରେ ଚାଷୀମାନେ ଧାନ କାଟି କ୍ଷେତରେ ପକାଇଥିବାବେଳେ ଆଉ କେତେକ ଚାଷଜମିରୁ କଟା ଧାନ ଆଣି ଖଳାରେ ରଖିଛନ୍ତି। ଏପରି ସ୍ଥଳେ ଶୁକ୍ରବାରଠାରୁ ଅଦିନିଆ ବର୍ଷା ଆରମ୍ଭ ହୋଇଯାଇଛି। ସକାଳଠାରୁ ଝିପିଝିପି ବର୍ଷା ହେବା ସହ


ଜମିରେ କଟା ଧାନ ଓଦା ହେଉଛି।

ପୂର୍ବାହ୍ନରୁ ଅଧିକ ବର୍ଷା ହୋଇଥିଲା। କ୍ଷେତରେ କଟାଧାନକୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଚାଷୀମାନେ ଆପ୍ରାଣ ଚେଷ୍ଟା ଚଳାଇଥିଲେ। ମାତ୍ର ଖଳାକୁ ଅଣାଯାଇଥିବା ଅମଳ ଧାନ ବର୍ଷାରେ ଭିଜିଯାଇଛି। ଜମିରେ କଟା ଯାଇ ନ ଥିବା ଧାନ ଏବେ ଆଉ ଅମଳ ହୋଇପାରିବ ନାହିଁ ବୋଲି କେତେଜଣ ଚାଷୀ କହିଛନ୍ତି। ବାତ୍ୟାରେ ବହୁ ଚାଷଜମିରେ ଧାନ ଗଛଗୁଡ଼ିକ ଶୋଇପଡ଼ିଥିଲା। ଏବେ ବର୍ଷା ହେବା ଫଳରେ ତାହା ମାଟିରେ ଲାଗିଯାଇଛି। ଧାନ ଗଜା ହୋଇ ନଷ୍ଟ ହେବା ଆଶଙ୍କାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି ପୂର୍ବରୁ ଅମଳ ହୋଇଥିବା ଧାନକୁ ଚାଷୀମାନେ ବିକ୍ରୟ ଉଦ୍ଦେଶ୍ୟରେ ମଣ୍ଡିରେ ରଖିଥିବା ବେଳେ ତାହା ଏବେ ବର୍ଷାରେ ଭିଜୁଛି। ଧାର୍ଯ୍ୟ ସମୟ ମଧରେ ମିଲରମାନେ ଧାନ ନେଇ ନ ଥିବାରୁ ମଣ୍ଡିରେ ଶତାଧିକ ଧାନ ବସ୍ତା ପଡ଼ିରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ବିସ୍ଥାପିତଙ୍କ ଆନ୍ଦୋଳନ ପରେ ଚେତା ପଶିଲା
# ରାସ୍ତା ସମ୍ପ୍ରସାରଣ ପାଇଁ ମାପଚୁପ ଆରମ୍ଭ

**ବନ୍ତ, ୪।୧(ଡି.ଏନ.ଏ.)**

ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ବନ୍ତ ବଜାର ଅଞ୍ଚଳ ସମ୍ପ୍ରସାରଣ ନେଇ ଗତ କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବଜାର ଅଞ୍ଚଳରେ ଥିବା ବ୍ୟବସାୟୀ ଓ ଘର ମାଲିକମାନଙ୍କୁ ବିଧିବଦ୍ଧ ଭାବେ ବ୍ୟକ୍ତିଗତ ନୋଟିସ୍ କରା ନ ଯାଇ ଉଚ୍ଛେଦ କରାଯିବାକୁ ବିସ୍ଥାପିତମାନେ ବିରୋଧ କରିଥିଲେ। ଏହାକୁ ନେଇ ବ୍ୟବସାୟୀ, ଆଇନଜୀବୀ ଓ ତହସିଲ କର୍ତ୍ତୃପକ୍ଷଙ୍କ ମଧରେ ବିବାଦ ସୃଷ୍ଟି ହୋଇଥିଲା। ପରେ ବିସ୍ଥାପିତଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଥଇଥାନ କରିବାକୁ ସେମାନେ ଦାବି କରିଥିଲେ। ଏହି ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ବଜାର ଅଞ୍ଚଳର ରାସ୍ତା ସମ୍ପ୍ରସାରଣ ପାଇଁ ପୁନଃ ମାପଚୁପ ଆରମ୍ଭ କରିଛି। ବଜାର ଅଞ୍ଚଳକୁ ୪ ଲେନ୍ ବିଶିଷ୍ଟ କରାଯିବା ସକାଶେ ରାସ୍ତାର ମଧ୍ୟଭାଗରୁ ଉଭୟ ପାର୍ଶ୍ୱକୁ ୫ ମିଟର ଲେଖାଏ ବର୍ଦ୍ଧିତ କରାଯିବା ଲାଗି ମାପ କରାଯାଉଛି। ଶନିବାର ମାପଚୁପ୍ କାର୍ଯ୍ୟ ବେଳେ ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ଲାସାର ଯନ୍ତ୍ରୀ ପ୍ରଭାତ ସାହୁ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ଦାସ, ଏସ୍‌ଏମ୍‌ଓ ପ୍ରିୟଦର୍ଶୀ ଜେନା ଓ କମଳାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ସଚେତନତା ଶୋଭାଯାତ୍ରା

**ବାସୁଦେବପୁର, ୪।୧(ଡି.ଏନ୍.ଏ.)**

ବାସୁଦେବପୁର ପୌରପାଳିକାର ବଂଶୀପାଟଣା ଗ୍ରାମରେ ଥିବା କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଜାତୀୟ ସେବା ଶିବିର ଆରମ୍ଭ ହୋଇଛି। ଶନିବାର ସ୍ୱେଚ୍ଛାସେବୀମାନଙ୍କ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ସଚେତନତା ଶୋଭାଯାତ୍ରାରେ ବାହାରି ସହର ବୁଲିଥିଲେ। ସହର ଓ ଗ୍ରାମାଞ୍ଚଳକୁ ସଫାସୁତୁରା ରଖିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ସେମାନେ ତହସିଲ, ବ୍ଲକ ସମେତ ବଂଶୀପାଟଣା ଗ୍ରାମରେ ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ପୃଷ୍ଠପୋଷକ ପରେଶ କୁମାର ମହାନ୍ତି। ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ, ପ୍ରୋଗ୍ରାମ ଅଫିସର ରତ୍ନାକର ପୃଷ୍ଟି, ଅଧ୍ୟାପକ ପ୍ରତାପ ରାଉତ, ଶ୍ରୁତକେଶୀ ମହାନ୍ତି, ପ୍ରତାପ ମଲିକ, ପ୍ରମିଳା ଅଗସ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

## ୧୯ରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

**ପଦ୍ମପୁର,୪।୧(ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାବରଙ୍ଗଠାରେ ଆସନ୍ତା ୧୯ତାରିଖରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିବା ପାଇଁ ସ୍ଥାନୀୟ ଏଭରଗ୍ରୀନ୍ ୟୁଥ୍ କ୍ଲବ ପକ୍ଷରୁ ପ୍ରସ୍ତୁତି ବୈଠକ ବୈରାଗୀ ଚରଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋଲକ ମହାପାତ୍ର, ବାଦଲ କିଶୋର ମହାପାତ୍ର, ଶଙ୍କର୍ଷଣ ନାୟକ, ସମର କୁମାର ନାୟକ, ସାମାଜିକ କର୍ମୀ ଟିଙ୍କୁ ମହାପାତ୍ର ଓ ପୀତବାସ ଭୋଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଟୁର୍ନାଷେରେ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ, ଯାଜପୁର ମୁଗୁପାଳ ଭଲିବଲ ଟିମ୍, ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ଓ ନେହେରୁ ଷ୍ଟାଡିୟମ ଭଲିବଲ୍ ଟିମ୍ ଭାଗ ନେବେ। ସାବରଙ୍ଗ ପଞ୍ଚାୟତ ଖେଳପଡ଼ିଆଠାରେ ୧୯ ତାରିଖ ପୂର୍ବାହ୍ନରେ ୧୧ଟାରେ ମ୍ୟାଚ୍ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## 'ସଂଗ୍ରାମୀ ଗୌରାଙ୍ଗ ପ୍ରତିଭାଦୀପ୍ତ ପ୍ରାଣ ଥିଲେ'

**ବାସୁଦେବପୁର,୪।୧(ଡି.ଏନ.ଏ.)**

ବାସୁଦେବପୁର ବେତଡ଼ା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଗାନ୍ଧୀ ସଂଗ୍ରାମୀ ଗୌରାଙ୍ଗଙ୍କ ଦ୍ୱାବିଂଶ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ପୂର୍ବାହ୍ନରେ ପତାକା ଉତ୍ତୋଳନ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଏମ୍‌ପି କହିଥିଲେ, ସଂଗ୍ରାମୀ ଗୌରାଙ୍ଗ ଜଣେ ତ୍ୟାଗଦୀପ୍ତ ବ୍ୟକ୍ତିତ୍ୱ ଓ ପ୍ରତିଭାଦୀପ୍ତ ପ୍ରାଣ ଥିଲେ। ତାଙ୍କ ପାଇଁ ବାସୁଦେବପୁର ମାଟି ଗର୍ବିତ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ। ଛାତ୍ରୀଛାତ୍ର ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ, ପୂର୍ବତନ ଅଧକ୍ଷ ନରେନ୍ଦ୍ର ପ୍ରସାଦ ବଗୁଡ଼ାଇ, ବିଇଓ ଜଗବନ୍ଧୁ ସାହୁ, ବରଣ୍ଡୁଆ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ଭୀମସେନ ଦାସ ଯୋଗ ଦେଇଥିଲେ। ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ପରିଡ଼ା ମଞ୍ଚରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଦୈତାରି ବେହେରା ମଞ୍ଚ ଆହ୍ୱାନ କରିଥିବାବେଳେ ଉପଦେଷ୍ଟା ଦୁଃଶାସନ ରାଉତ ଅତିଥି ପରିଚୟ ଦେଇଥିଲେ। କବି ବନମାଳୀ ବାରିକ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ମୋଗଲ ତାମସା କଳାକାର ବାଦଲ ସିକ୍‌ଦାର ଓ ୨୦୧୯ରେ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ବିଜୟଲକ୍ଷ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ପୂର୍ବତନ ଶିକ୍ଷକ ନିତ୍ୟାନନ୍ଦ କର ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ମୋଗଲ ତାମସା କଳାକାର ବାଦଲ ସିକ୍‌ଦାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମୟୂରଭଞ୍ଜ

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ବାରିପଦା ଅଫିସ, ୪।୧**

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ୭୧ତମ ସାଧାରଣତନ୍ତ୍ର ଦିବସ ଲାଗି ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବୀ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ବାରିପଦା ଉପଖଣ୍ଡ ପୋଲିସ ଅଧିକାରୀ କେ.କେ. ହରିପ୍ରସାଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ସରକାରୀ ବିଭାଗ ପଦାଧିକାରୀ, ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପିକା, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଉପରେ ସବିଶେଷ ଅଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ଉପଲକ୍ଷେ ସାଢେ ୪ଟା ବେଳେ ସହରାଞ୍ଚଳରେ ରାମଧୂନ ପ୍ରଚାର, ବିଭିନ୍ନ ଶିକ୍ଷାନୁଷ୍ଠାନ


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ଛାତ୍ରୀଛାତ୍ରଙ୍କ ଦ୍ୱାରା ସକାଳ ସାଢେ ୭ଟା ପ୍ରଭାତଫେରି କରାଯିବା ସହିତ ସକାଳ ସାଢେ ୮ଟାରେ ଜିଲା ମହକୁମା ବାରିପଦା ରିଜର୍ଭ ପୋଲିସ ପରେଡ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ କରାଯିବ। ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ ଓ ଅଭିବାଦନ ଗ୍ରହଣ କରିବା ପରେ ରିଜର୍ଭ ପୋଲିସ ବାହିନୀ, ଓଏସ୍‌ଏପି ହୋମଗାର୍ଡ ବାହିନୀ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ ଗାଇଡ, ରେଡକ୍ରସ ଓ ସିଭିଲିୟାନ ଟ୍ରୁପ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରେଡ ଓ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ଉନ୍ନୟନ ଓ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକ୍ରମ ସଂପର୍କିତ ପ୍ରଜ୍ଞାପନ ମେଢ ପ୍ରଦର୍ଶନ ଏବଂ ଦେଶାତ୍ମକବୋଧ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ହିନ୍ଦୀ ନିବନ୍ଧ, ସାଧାରଣଜ୍ଞାନ/କୁଇଜ, ଜିମ୍ନାଷ୍ଟିକ ଆଦି ପ୍ରତିଯୋଗିତା ଏବଂ ବହୁଭାଷୀ କବି ସମ୍ମିଳନୀ, ସେଚ୍ଛାକୃତ ରକ୍ତଦାନ ଶିବିର, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଓ ଭଲିବଲ ମ୍ୟାଚ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅଭ୍ୟାସ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିମନ୍ତେ ଜାନୁୟାରୀ ୨୨,୨୩ ଓ ୨୪ ତାରିଖ ପ୍ରତ୍ୟହ ସକାଳ ସାଢେ ୭ଟାରେ ଅଭ୍ୟାସ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରିଜର୍ଭ ପୋଲିସ ପରେଡ ପଡିଆରେ ରିଜର୍ଭ ପୋଲିସ ଇନ୍ସପେକ୍ଟର ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ଦିବସ ପାଳନ ଅବସରରେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ/ଜିଲା ରେଡକ୍ରସ ସଂସ୍ଥା ପକ୍ଷରୁ ଯଥାକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ତେବସୀ ରୋଗୀ, ଲକ୍ଷ୍ମୀପୋଷି ଭିନ୍ନକ୍ଷମ ଓ ଗୋପବନ୍ଧୁ ବାଳାଶ୍ରମ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀଛାତ୍ର ଏବଂ ପରେଡରେ ଅଂଶଗ୍ରହଣ କରିଥିବା ଟ୍ରୁପମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଦିବସ ଅବସରରେ ସନ୍ଧ୍ୟା ୬ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାବନା ସଭାଗୃହରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହେବ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଡିଏସପି, ଡିଆଇବି ବାମଦେବ ସିଂ, ରିଜର୍ଭ ପୋଲିସ ଇନ୍ସପେକ୍ଟର କୁଳମଣି ଗିରି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖଙ୍କ ସମେତ ଅନ୍ୟ ପଦାଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା ଅଫିସ,୪।୧**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଚଳିତ ମାସର ମିଳିତ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନଅଭିଯୋଗ ଶୁଣାଣି ଯଥାକ୍ରମେ ପ୍ରଥମ ସୋମବାର ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଫେସିଲିଟେସନ କେନ୍ଦ୍ର ବାରିପଦା, ଦ୍ୱିତୀୟ ସୋମବାର ୧୩ରେ ବାମନଘାଟୀ ଉପଖଣ୍ଡ, ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସୋମବାର ୨୦ରେ ପାଞ୍ଚପୀଢ ଉପଖଣ୍ଡ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାର ୨୭ରେ କପ୍ତିପଦା ଉପଖଣ୍ଡ, ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠଠାରେ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ପଦାଧିକାରୀ ଏବଂ ସମ୍ପୃକ୍ତ ଉପଖଣ୍ଡର ଉପଜିଲାପାଳ, ବିଡିଓ, ତହସିଲଦାର, ସିଡିପିଓ ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଉପସ୍ଥିତ ରହି ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଲିଖିତ କିମ୍ବା ମୌଖିକ ଭାବେ ଜଣାଇପାରିବେ ବୋଲି କୁହାଯାଇଛି।

## ମାନବ ଧର୍ମ ସମ୍ମିଳନୀ ଉଦ୍‌ଯାପିତ
# ୪ ଜଣଙ୍କୁ ସେବକଶ୍ରୀ ଉପାଧି

**ବାରିପଦା ଅଫିସ,୪।୧**

ବାରିପଦା ସଦ୍‌ଭାବନା ସମିତି ଆନୁକୂଲ୍ୟରେ ଚାଲିଥିବା ୪୧ତମ ମାନବ ଧର୍ମ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମଳନୀ ଗତ ୧ତାରିଖରୁ ସ୍ଥାନୀୟ ସତ୍ୟନାରାୟଣ ମନ୍ଦିରରେ ଆରମ୍ଭ ହୋଇଥିଲା। ସମିତିର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଗୀତା ମନୀଷୀ ସ୍ୱାମୀ ଅଦୈତାନନ୍ଦ ବ୍ରହ୍ମଚାରୀ ଏବଂ ମାନସ ଶେଖର ଭାଗବତ ପଣ୍ଡା ଶାସ୍ତ୍ରୋଚିତ ମାନବ ଧର୍ମ ଉପରେ ଆଲୋକପାତ କରି ପ୍ରବଚନ ଦେଇଥିଲେ। ଏହି ଅବସରରେ ସମିତିର ପରମ୍ପରା ମୁତାବକ ଜିଲାର ଶ୍ରେଷ୍ଠ ପୋଲିସ କନଷ୍ଟେବଳ ହରିହର ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଳୟର ଶ୍ରେଷ୍ଠ ସେବିକା ସୁଲତା ଦାସ, ଅଗ୍ନିନିର୍ବାପକ ସେକ୍ ଅବଦୁଲ ସେମିମ ଓ ବାରିପଦା ପୌର ପରିଷଦର ସଫେଇ କର୍ମଚାରୀ ପ୍ରତାପ ମୁଖି ଏହି ୪ ଜଣଙ୍କୁ ମାନପତ୍ର, ଉପଢୌକନ ସହ ସେବକଶ୍ରୀ-୨୦୧୯ ଉପାଧିରେ ଭୂଷିତ କରଯାଇଥିଲା। ବରିଷ୍ଠ ସଦସ୍ୟ ଡ. ବିଜୟ କୁମାର ଅଗ୍ରୱାଲା ସାଧୁବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୀନକୃଷ୍ଣ, ସଂଯୋଜକ ଡ. ଆଦିତ୍ୟ କୁମାର ପଣ୍ଡା, ବୀରଭଦ୍ର ସିଂ, ଡ. କୈଳାସ ଚନ୍ଦ୍ର ମହାନ୍ତି, ଡ. ଶ୍ୟାମସୁନ୍ଦର ଅଗ୍ରୱାଲା, ଡ. ମିଲନ ପାଲ ଓ ଡ. ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ସମିତି ସଦସ୍ୟ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବିଶିଷ୍ଟ ବ୍ୟକ୍ତିମାନେ।

# ଗ୍ରାମାଞ୍ଚଳରେ ହେବ ପୋଲିସ ସମିତି ବୈଠକ

**ଉଦଳା, ୪।୧(ଡି.ଏନ.ଏ.)**

ପ୍ରତି ମାସରେ ଉଦଳା ଥାନା ପକ୍ଷରୁ ପୋଲିସ୍ ସମିତି ବୈଠକ ଅନୁଷ୍ଠିତ ହୋଇଥାଏ। ଏହି ସମିତି ବୈଠକରେ ଉଦଳା ଥାନା ଆଇଆଇସିଙ୍କ ସମେତ ପୋଲିସ୍ କର୍ମଚାରୀ ଏବଂ ପୋଲିସ୍ ସମିତିର ସଦସ୍ୟମାନେ ଯୋଗ ଦେଇ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥାନ୍ତି। ହେଲେ ଉଦଳା ଥାନାର ନୂତନ ଭାବେ ଯୋଗଦାନ କରିଥିବା ଆଇଆଇସି ରୀନା ବେହେରା ଶନିବାର ପୋଲିସ୍ ସମିତିର ସମସ୍ତ ସଦସ୍ୟମାନଙ୍କୁ ନେଇ ଉଦଳା ଥାନା ଅଭ୍ୟର୍ଥନା ଗୃହରେ ଏକ ସଭାର ଆୟୋଜନ କରିଥିଲେ। ଏବଂ ନୂତନ ବର୍ଷରେ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ମାସ ଠାରୁ ପୋଲିସ୍ ସମିତି ବୈଠକ ବିଭିନ୍ନ ଗ୍ରାମାଞ୍ଚଳରେ ହେବ ବୋଲି ଆଇଆଇସି ରୀନା ବେହେରା ମତ ପ୍ରଦାନ କରିଥିଲେ । ଯାହାକି ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକେ ପୋଲିସ୍ ସହିତ ନିଜର ସମ୍ପର୍କ ସୃଷ୍ଟି କରିପାରିବା ସହିତ ବିଭିନ୍ନ ସମସ୍ୟା ସମାଧାନ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧରେ ପ୍ରୋବେସନର ଡିଏସପି ଆଦିତ୍ୟ ସେନ୍, ଏସଆଇ ରମାକାନ୍ତ ନାୟକ, କ୍ରାଇମ୍ ହାବିଲଦାର କାରୁହରି ମାଝୀଙ୍କ ସମେତ ପୋଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଲୁଟିନେଲେ ୪୦ ହଜାର

**ଉଦଳା, ୪।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବରହମପୁର ଥାନା ଦରଖୋଳି ଗ୍ରାମର ରତ୍ନାକର ମହାପାତ୍ର ଶନିବାର ଉଦଳା ଷ୍ଟେଟ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଣ କରିଥିଲେ। ଟଙ୍କା ତାଙ୍କ ବାଇକ୍ ଡିକିରେ ରଖି ଉଦଳା କଚେରୀ ପରିସରରେ ଥିବା ଦୋକାନକୁ ମିଠା କିଣିବାକୁ ଯାଇଥିଲେ। ଉକ୍ତ ସମୟରେ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଛନ୍ତି। ଦୋକାନରୁ ବାହାରିବା ପରେ ସେ ବାଇକ୍ ଡିକି ଭଙ୍ଗା ଯାଇଥିବା ଏବଂ ସେଥିରେ ଥିବା ୪୦ ହଜାର ଟଙ୍କା ସମେତ ପାସବୁକ୍, ଚେକ୍ ବହି ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ସେ ଉଦଳା ଥାନାରେ ଅଭିଯୋଗ କରିଛନ୍ତି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଜାନୁୟାରୀ ୫/୨୦୨୦ Balasore, Sunday, January 5/2020

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

ରୂପ୍‌ସା, ୪।୧(ଡି.ଏନ.ଏ.): ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶନିବାର ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଦୀପକ ମାଝିଙ୍କୁ ଗିରଫ କରିଛି। ତାଙ୍କ ଘର ବାହାର୍ଦା ଗ୍ରାମରେ। ଏଥିସହ ଅଭିଯୁକ୍ତଙ୍କ ଘରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଭୟ ଅପହୃତା ଓ ଅପହରଣକାରୀଙ୍କ ଡାକ୍ତରୀମାଇନା କରାଯାଇଛି। ଏସ୍‌ଡ଼ିଜେଏମ୍ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ଼ ପରେ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୧ତାରିଖରେ ନାବାଳିକାଙ୍କୁ ଦୀପକ ଅପହରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଶୁକ୍ରବାର ଥାନାରେ ଏକ ମାମଲା (ନଂ. ୧/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଉମାକାନ୍ତ ଧଳ ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦୀପକ ମାଝୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

### ଛାତ୍ରୀଙ୍କ ତଣ୍ଟି କାଟିଥିବା ଶିକ୍ଷକ ପଶ୍ଚିମବଙ୍ଗରୁ ଗିରଫ

ଭୋଗରାଇ, ୪।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦେହୁର୍ଦ୍ଦା ଗ୍ରାମର ବିଶ୍ୱଜିତ୍ ନାଥ (୨୮) ନାମକ ଟ୍ୟୁଶନ ଶିକ୍ଷକ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଗତ ୨ ତାରିଖ ରାତିରେ ତଣ୍ଟି କାଟି ଫେରାର ହୋଇଯାଇଥିଲେ।



ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଭୋଗରାଇ ଥାନା ଅଧିକାରୀ ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ପୋଲିସ ତନାଘନା କରି ଶନିବାର ବିଶ୍ୱଜିତ୍‌ଙ୍କୁ ପଶ୍ଚିମବଙ୍ଗ ବେଲଦା ନିକଟସ୍ଥ ଖାକୁରଦାରୁ ଗିରଫ କରିଛନ୍ତି। ଗିରଫ ଯୁବକଙ୍କ ବିରୋଧରେ ଏକ ମାମଲା(ନଂ.୨/୨୦) ରୁଜୁ କରାଯାଇଛି। ତାଙ୍କୁ ଭୋଗରାଇ ଥାନାକୁ ଆଣି ପୋଲିସ ଅଧିକ ତଥ୍ୟ ସଂଗ୍ରହ ପାଇଁ ପଚରାଉଚୁରା କରୁଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଛାତ୍ରୀ ଏବେ ବିପଦମୁକ୍ତ ବୋଲି ପରିବାର ଲୋକେ କହିଛନ୍ତି। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାସୁଦେବପୁର, ୪।୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତ ଅଧୀନ ଚିରୋଲ ଗ୍ରାମରେ ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ସକାଳେ ଉଦ୍ଧାର କରାଯାଇଛି। ମୃତକ ହେଲେ ଏହି ଗ୍ରାମର ସୁଶାନ୍ତ ମଲିକ। ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସୁଶାନ୍ତ ଜଣେ ମତ୍ସ୍ୟଜୀବୀ ସମ୍ପ୍ରଦାୟର। ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରାଯାଇଥିଲା। ଘଟଣାର ତଦନ୍ତ ଚାଲିଛି।

### ଦୁର୍ବୃତ୍ତ ଝାମ୍ପିନେଲେ ୪ ଲକ୍ଷ

ସଜନାଗଡ଼, ୪।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ମିତ୍ରପୁର ବଜାରରୁ ଦୁର୍ବୃତ୍ତମାନେ ଶନିବାର ଅପରାହ୍ନ ସାଢ଼େ ୩ଟାରେ ୪ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ମିତ୍ରପୁର ଟ୍ରକ୍ ଆସୋସିଏଶନ କୋଷାଧକ୍ଷ ସୁଧାଂଶୁ ଶେଖର ପଣ୍ଡା (ବାବୁ ପଣ୍ଡା) ପେପର ମିଲ୍‌ସ୍ଥିତ ବାଲଗୋପାଳପୁର ଷ୍ଟେଟ୍‌ବ୍ୟାଙ୍କରୁ ୪ଲକ୍ଷ ଟଙ୍କା ଉଠାଇ ନିଜ ବ୍ୟାଗ୍‌ରେ ରଖି ମିତ୍ରପୁର ଆସିଥିଲେ। ନିଜ ବାଇକ୍‌କୁ ମିତ୍ରପୁରରେ ରଖି ଅନ୍ୟ ବ୍ୟକ୍ତି ସହିତ କଥା ହେଉଥିବା ବେଳେ ଆଖି ପିଛୁଳାକେ ଏକ ବାଇକ୍‌ରେ ୨ ଜଣ ଆସି ଗାଡ଼ିରେ ଟଙ୍ଗା ହୋଇଥିବା ଟଙ୍କା ବ୍ୟାଗ୍‌ଟିକୁ ଲୁଟ୍ କରି ଘଟଣାସ୍ଥଳରୁ ଫେରାର ହୋଇଥିଲେ। ଖବର ଲେଖିଲା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଭୁଲ୍ ରକ୍ତ ପାଇଁ ମହିଳାଙ୍କ ମୃତ୍ୟୁ ଘଟଣା

# ୩ ଲକ୍ଷ କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ)/କେନ୍ଦୁଝର ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ସଦର ହସ୍ପିଟାଲରେ ଭୁଲ୍ ରକ୍ତ ନେବାଦ୍ୱାରା ସୁକାନ୍ତି ନାୟକ ନାମ୍ନୀ ମହିଳାଙ୍କର ୨୦୧୬ରେ ମୃତ୍ୟୁ ଘଟିଥିଲା। ଏହି ମାମଲା ଶୁଣାଣି କରି ଶନିବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୃତ ମହିଳାଙ୍କ ସ୍ୱାମୀ ଚନ୍ଦା ନାୟକଙ୍କୁ ୩ଲକ୍ଷ ଟଙ୍କା ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମାର୍ଚ୍ଚ ୨୦ ସୁଦ୍ଧା କ୍ଷତିପୂରଣ ଏ ସଂକ୍ରାନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ଏସ୍‌ପି, ସିଡିଏମ୍‌ଓଙ୍କ ରିପୋର୍ଟ ଆଧାରରେ ଓଏଚ୍‌ଆର୍‌ସି ଅଧକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାଶ ଓ ସଦସ୍ୟ ଜଷ୍ଟିସ ରଘୁବୀର ଦାଶ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୧୬ ଏପ୍ରିଲ ୧୪ରେ ରକ୍ତହୀନତାର ଶିକାରହୋଇ କେନ୍ଦୁଝର ହାଡ଼ବନ୍ଧ ସାହିର ଚନ୍ଦା ନାୟକଙ୍କ ସ୍ତ୍ରୀ ସୁକାନ୍ତି କେନ୍ଦୁଝର ସଦର ହସ୍ପିଟାଲର ମେଡିସିନ୍ ୱାର୍ଡରେ ଭର୍ତ୍ତି ହୋଇଥିଲେ। ସେହି ସମୟରେ ସମାନ ନାମରେ କେନ୍ଦୁଝର ଚମ୍ପୁଆ ଅଞ୍ଚଳର ଉଦୟ ସିଂଙ୍କ ସ୍ତ୍ରୀ ସୁକାନ୍ତି ନାୟକ ଗାଇନିଂ ୱାର୍ଡରେ ଚିକିତ୍ସିତ ହେଉଥିଲେ। ଚନ୍ଦା ନାୟକଙ୍କ ସ୍ତ୍ରୀ ସୁକାନ୍ତିଙ୍କ ବ୍ଲଡ୍ ଗ୍ରୁପ (୦+) ହୋଇଥିବାବେଳେ ଗାଇନିଂ ୱାର୍ଡରେ ଥିବା ସୁକାନ୍ତିଙ୍କ ବ୍ଲଡ୍ ଗ୍ରୁପ୍ (ଏ+) ଥିଲା। ଦୁହେଁ ରକ୍ତ ଆବଶ୍ୟକ କରୁଥିଲେ। ହେଲେ ଚନ୍ଦାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ୦+ ବଦଳରେ ଏ+ ରକ୍ତ ଦିଆଯାଇଥିଲା। ଭୁଲ୍ ରକ୍ତ ଦିଆଯିବା ଫଳରେ ସୁକାନ୍ତିଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କମିଶନ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଏହାପରେ କେନ୍ଦୁଝର ଏସ୍‌ପି ଏବଂ ସିଡିଏମ୍‌ଓଙ୍କୁ ଏନେଇ ରିପୋର୍ଟ ମାଗିଥିଲେ। ଏସ୍‌ପି ତଦନ୍ତ କରି ଦୋଷୀଙ୍କ ନାମରେ ୩୦୪ରେ ଏକ ମାମଲା ରୁଜୁ କରାଯାଇଥିବା ରିପୋର୍ଟରେ ଦର୍ଶାଇଥିଲେ। ଏହାସହ ସିଡିଏମ୍‌ଓ ତାଙ୍କ ରିପୋର୍ଟରେ ଷ୍ଟାଫ୍ ନର୍ସ, ବ୍ଲଡ୍ ବ୍ୟାଙ୍କ୍ ସମେତ ଡାକ୍ତରଙ୍କ ଭୁଲ୍ ଥିବା ଦର୍ଶାଇବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ନେଇ ଓଏଚ୍‌ଆର୍‌ସିରେ ପ୍ରବୀର କୁମାର ଦାଶ, ଅପୂର୍ବ ରଞ୍ଜନ ମଳିକ, ବିଜୟ କୁମାର ପଣ୍ଡା ଓ ବିଶ୍ୱପ୍ରିୟ କାନୁନ ଗୋଙ୍କ ଅଭିଯୋଗକ୍ରମେ ମଧ୍ୟ ୪ ମାମଲା ହୋଇଥିଲା।

# ରାଣୀତାଲରେ ଦୁର୍ଘଟଣା, ଭିଡ଼ରେ ଫସିଲେ ମନ୍ତ୍ରୀ

ଭଦ୍ରକ ଅଫିସ, ୪।୧





ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହ ରାଣୀତାଲର ଲୋକେ ଆଲୋଚନା କରୁଛନ୍ତି।

- ଗଳାପୋଲ ଦାବି ଜଣାଇଲେ ଆନ୍ଦୋଳନକାରୀ
- ୯ ରେ ଭୁବନେଶ୍ୱରରେ ହେବ ବୈଠକ

ଭଦ୍ରକ ରାଣୀତାଲରେ ଗଳାପୋଲ ନିର୍ମାଣ ଦାବିରେ ଆନ୍ଦୋଳନ ଜାରି ରହିଛି। ଶନିବାର ଏହି ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଏପରି ସ୍ଥିତିରେ ଶନିବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥରେ କାମ କରୁଥିବା କନଷ୍ଟ୍ରକ୍‌ସନର ଦୁଇଜଣ କର୍ମଚାରୀ ଏକ ବାଇକ୍‌ରେ ଯାଉଥିବାବେଳେ ରାଜେନ୍ଦ୍ର ସାହୁ ନାମକ ସ୍ଥାନୀୟ ଜଣେ ବ୍ୟବସାୟୀ ରାସ୍ତା ପାର ହେଉଥିବା ସମୟରେ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗୁରୁତର ରାଜେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ପଠାଇବା ସହ ଉତ୍ତ୍ୟକ୍ତ ହୋଇ ଜାତୀୟ ରାଜପଥକୁ ବନ୍ଦ ରଖିଥିଲେ। ଏହି ସମୟରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବାଲେଶ୍ୱରରୁ ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଭିଡ଼ରେ ଫସିଯାଇଥିଲେ। ଏହି ସୁଯୋଗରେ ଆନ୍ଦୋଳନକାରୀମାନେ ମନ୍ତ୍ରୀଙ୍କୁ ପାଖରେ ପାଇ ଦାବି ଜଣାଇଥିଲେ। ଆନ୍ଦୋଳନ ୧୨ଦିନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେହି ଆନ୍ଦୋଳନ ସ୍ଥଳକୁ ଆସୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଆଲୋଚନା କରି ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବାକୁ ପରାମର୍ଶ ଦେଇଛନ୍ତି। ସେଠାରେ ଗଳାପୋଲ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ଦିଆଯାଇଛି। ମନ୍ତ୍ରୀ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କ ସହ ମଧ୍ୟ ଟେଲିଫୋନ ମାଧ୍ୟମରେ ଆଲୋଚନା କରିଥିବା ଜାଣିବାକୁ ମିଳିଛି। ଏହାମଧ୍ୟରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ରାସ୍ତା ଅବରୋଧ ହଟିଥିଲା ଏବଂ ମନ୍ତ୍ରୀ ଭୁବନେଶ୍ୱର ଅଭିମୁଖେ ଯାଇଥିଲେ। ଆଲୋଚନା ସମୟରେ ରାଣୀତାଲ ବିକାଶ ମଞ୍ଚର ଆବାହକ ଗଣେଶ ପ୍ରସାଦ ଦାଶ, ସଭାପତି ଭାଗୀରଥି ନାୟକ, ବଜାର କମିଟି ସଭାପତି ସୁକାନ୍ତ ସାହୁ ଓ ସମ୍ପାଦକ ଜ୍ୟୋତିପ୍ରକାଶଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଟୋକନ ପାଇ ଧାନ ବିକି ପାରୁନାହାନ୍ତି ଚାଷୀ

ବନ୍ତ, ୪।୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିରେ ଅନ୍ତର୍ବିବାଦ ଯୋଗୁ ଏଯାଏ ମଣ୍ଡି ଖୋଲିପାରୁ ନାହିଁ। ଚାଷୀମାନେ ଟୋକନ ପାଇଥିଲେ ମଧ୍ୟ ଧାନ ବିକି ପାରୁ ନ ଥିବା ଅଭିଯୋଗ ହୋଇଛି। ୧୫ ଦିନ ତଳେ ବ୍ଲକର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି। ଏ ପରିପେକ୍ଷୀରେ ଚାଇଁପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରକାଶ ଯେ, ଗତ ସପ୍ତାହରେ ଉକ୍ତ ସମିତିରେ ବୈଠକ ଡକାଯାଇଥିଲେ ମଧ୍ୟ ସମସ୍ତ ସଭ୍ୟ ଉପସ୍ଥିତ ନ ଥିଲେ। ଏଆର୍‌ସିଏସ୍ ସ୍ୱାଗତିକା ମହାପାତ୍ର ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଉକ୍ତ ଦିନ ଧାନ ବିକ୍ରୟ କରିବା ନେଇ ୧୫୦ ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ଜିଲା ଯୋଗାଣ ଅଫିସକୁ ପଠାଯାଇଥିଲା। ସେହି ଅନୁଯାୟୀ ୮୦ ଚାଷୀ ଟୋକନ ପାଇସାରିଛନ୍ତି। ଗତ ଶୁକ୍ରବାରଠାରୁ ଟୋକନ ପାଇଥିବା ଚାଷୀମାନଙ୍କଠାରୁ ଧାନ କିଣାଯିବା କଥା। ମାତ୍ର ମଣ୍ଡି ଖୋଲାଯାଇ ନ ଥିବାରୁ ଶୁକ୍ରବାର ଧାନ କିଣା ହୋଇପାରି ନ ଥିବା କୁହାଯାଇଛି। ସମ୍ପାଦକ ଦାୟିତ୍ୱକୁ ନେଇ ଚାଇଁପୁର ଓ ବସନ୍ତିଆ ସମିତି ସମ୍ପାଦକଙ୍କ ପକ୍ଷରୁ ପୃଥକ୍ ଭାବେ ୨ଟି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ସ୍ତ୍ରୀ ଫୋନ୍ ନ ଉଠାଇବାରୁ

# ଦେହରେ କିରୋସିନ ଢାଳି ନିଆଁ ଲଗାଇଲେ ସ୍ୱାମୀ

ସଜନାଗଡ଼, ୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୯ନଂ. ୱାର୍ଡ଼ ଅଧୀନ କାହାଳିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଫୋନ ନ ଉଠାଇବାରୁ କାହାଳିଆ ଗ୍ରାମର ଗୋପାଳ ସିଂ(୨୫) ନାମକ ଯୁବକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ଗୋପାଳଙ୍କ ସହ ତାଙ୍କ ଘର କିଛି ଅଂଶ ମଧ୍ୟ ପୋଡ଼ିଯାଇଛି। ଗୋପାଳଙ୍କ ଚିତ୍କାର ଶୁଣି ପରିବାର ଲୋକ ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଗୋପାଳଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୋପାଳ, ତାଙ୍କ ସ୍ତ୍ରୀ ଓ ୨ ପିଲାଙ୍କୁ ନେଇ ପରିବାର ସୁରୁଖୁରୁରେ ଚାଲୁଥିଲା। କିଛିଦିନ ପୂର୍ବେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏହି କାରଣରୁ ତାଙ୍କ ସ୍ତ୍ରୀ ବାପଘରେ ରହୁଥିଲେ। ଶନିବାର ଗୋପାଳ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ଏହି ଘଟଣାରେ ଗୋପାଳ ରାଗି ଯାଇ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ।

# ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଝାଡ଼େଶ୍ୱରପୁର ଗ୍ରାମରେ ଭୁବନେଶ୍ୱରରୁ ଆସିଥିବା ଏସ୍‌ଟିଏଫ୍‌ର ଏକ ୧୫ଜଣିଆ ଟିମ୍ ଚଢାଉ କରି ଶେଖ ଲାଲବାବୁଙ୍କୁ ଗିରଫ କରିବା ସହ ୩୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଶନିବାର ସକାଳେ ଏହି ଟିମ୍ ଭଦ୍ରକ ରୁରାଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବ୍ରାଉନ୍‌ସୁଗାର ସହ ଗିରଫ କରିବା ପରେ ଜଳେଶ୍ୱରର ଲାଲବାବୁଙ୍କଠାରୁ ବ୍ରାଉନ୍‌ସୁଗାର କିଣି ବ୍ୟବସାୟ କରୁଥିବା ପ୍ରକାଶ କରିଥିଲେ। ପରେ ଏସ୍‌ଟିଏଫ୍ ଟିମ୍ ଜଳେଶ୍ୱରରେ ପହଞ୍ଚି ଜଳେଶ୍ୱର ଷ୍ଟେଶନ ବଜାର ଅଞ୍ଚଳରେ ଥିବା ଏକ ହୋଟେଲ ପଛପଟୁ ଶେଖ ଲାଲବାବୁଙ୍କୁ ବ୍ରାଉନ୍‌ସୁଗାର ସହ ଧରିବାରେ ସଫଳ ହୋଇଥିଲେ। ଜବତ ପରେ ଏସ୍‌ଟିଏଫ୍ ଟିମ୍ ଗିରଫ ଲାଲବାବୁଙ୍କୁ ଝାଡ଼େଶ୍ୱରପୁରସ୍ଥିତ ଘରକୁ ମଧ୍ୟ ଖାନତଲାସୀ କରିଥିବା ଜଣାପଡ଼ିଛି। ଏହି ବ୍ରାଉନ୍‌ସୁଗାର ବେପାରରେ ସ୍ଥାନୀୟ ଅଟୋ ମୋବାଇଲ ବ୍ୟବସାୟ କରୁଥିବା କେତେକ ବ୍ୟବସାୟୀ ଏହି କାରବାରରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ଚଢ଼ାଉରେ ଡିଏସ୍‌ପି ବୈଳାସିନୀ ପଣ୍ଡା, ଇନ୍ସପେକ୍ଟର ନୀଳକଣ୍ଠ ଦାସ, ବିରଞ୍ଚି ଦାସ ଓ ମନୋଜ ରାଉତ ପ୍ରମୁଖ ସାମିଲ ଥିବା କୁହାଯାଉଛି।

# ଖଡ଼ଗପୁର-ରାଣୀତାଲ ତୃତୀୟ ରେଳପଥର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ

ଜଳେଶ୍ୱର, ୪।୧(ସ୍ୱ.ପ୍ର.)



ଡିଆର୍‌ଏମ୍ ମନୋଜ କୁମାର ପ୍ରଧାନ।

ଖଡ଼ଗପୁରରୁ ଖୋର୍ଦ୍ଧା ମଧ୍ୟରେ ଟ୍ରେନ ଚଳାଚଳ ବୃଦ୍ଧି ପାଇ ଚାଲିଥିବା ବେଳେ ଅଧିକ ରେଳପଥର ଆବଶ୍ୟକତା ରହିଛି। ତେଣୁ ଖଡଗପୁର ଡିଭିଜନ୍‌ର ଖଡଗପୁର-ରାଣୀତାଲ ମଧ୍ୟରେ ୩ୟ ରେଳ ଲାଇନ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୪ଟି ପର୍ଯ୍ୟାୟରେ ଆସନ୍ତା ୨୦୨୧ ମସିହା ସୁଦ୍ଧା ଶେଷ ହେବ ବୋଲି ଶନିବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଦକ୍ଷିଣପୂର୍ବ ରେଳଡିଭିଜନ୍‌ର ଡିଆର୍‌ଏମ୍ ପ୍ରକାଶ କରିଛନ୍ତି।

ଖଡ଼ଗପୁରରୁ ଭଦ୍ରକ ମଧ୍ୟରେ ପ୍ରତିଦିନ ୧୨୫ଟି ଟ୍ରେନ୍ ଚଳାଚଳ କରିଆସୁଛି। ଅର୍ଥାତ୍ ପ୍ରତି ୧୦ ମିନିଟ୍‌ରେ ଗୋଟିଏ ଟ୍ରେନ୍ ଯାତାୟାତ କରୁଛି। ଏସବୁକୁ ଆଖିରେ ରଖି ଦକ୍ଷିଣପୂର୍ବ ରେଳବାଇ ୩ୟ ରେଳଲାଇନ ପରିକଳ୍ପନା କରିଥିବାରୁ ସେଥିନେଇ ଗତ ୧୮-୧୯ ଆର୍ଥିକ ବର୍ଷରେ ବଜେଟ୍ ଉପସ୍ଥାପନ କରାଯାଇଥିଲା। ଖଡଗପୁରରୁ ରାଣୀତାଲ ଖଡଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ହୋଇଥିବାରୁ ସେଥିନେଇ ୨୦୦ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଖଡଗପୁରରୁ ବେଲଦା କାର୍ଯ୍ୟ ଶେଷ ହେବାକୁ ଯାଉଥିବା ବେଳେ ୨ୟ ପର୍ଯ୍ୟାୟ ବେଲଦରୁ ବସ୍ତା ରେଳଲାଇନ୍ କାର୍ଯ୍ୟ ପ୍ରାଥମିକ ସ୍ତରରେ ଆରମ୍ଭ ହୋଇଛି । ସେହିପରି ୩ୟ ପର୍ଯ୍ୟାୟରେ ବସ୍ତାରୁ ଖନ୍ତାପଡା ଓ ୪ର୍ଥ ପର୍ଯ୍ୟାୟରେ ଖନ୍ତାପଡ଼ାରୁ ରାଣିତାଲ କାର୍ଯ୍ୟ ହେବ ବୋଲି ଡିଆର୍‌ଏମ୍ ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଫଗୁଣା ଗ୍ରାମରୁ ବିରଳ ପକ୍ଷୀ ଉଦ୍ଧାର

ଖଇରା,୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଫଗୁଣା ଗ୍ରାମରୁ ଶନିବାର ପୂର୍ବାହ୍ନରେ ବିରଳ ପକ୍ଷୀ ଉଦ୍ଧାର କରାଯିବା ସହ ଔପଦା ଫରେଷ୍ଟର ସୁମତୀ ଦାସଙ୍କୁ ହସ୍ତାନ୍ତର କରାଯାଇଛି । ପକ୍ଷୀ ଆହତ ଅବସ୍ଥାରେ ଆସି ଗ୍ରାମର ଏକ ନାଳରେ ଖସି ପଡିଥିଲା । ଗ୍ରାମବାସୀ ଦେବେନ୍ଦ୍ର ମହାପାତ୍ର ଓ ରାମଚନ୍ଦ୍ର ଶତପଥୀ ପକ୍ଷୀକୁ ଉଦ୍ଧାର କରି ସେବା ପରେ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ।



# ଅଙ୍ଗନୱାଡି ଚାଉଳ ବୋଝେଇ ୨ ଟ୍ରକ୍ ଜବତ





ଜବତ ଚାଉଳ ବୋଝେଇ ଗାଡ଼ି।

ତିହିଡ଼ି, ୪।୧(ଡି.ଏନ.ଏ.)

ଭଦ୍ରକରୁ ଚାଉଳ ବୋଝେଇ ହୋଇ ତିହିଡ଼ିକୁ ଆସିଥିବା ୨ଟି ଟ୍ରକ୍‌କୁ ସ୍ଥାନୀୟ ତହସିଲଦାର ଶନିବାର ଅପରାହ୍ନରେ ଅଟକ ରଖିଥିଲେ। ଯାଞ୍ଚ ପରେ ଚାଉଳ ସହ ଦୁଇ ଗାଡ଼ିକୁ ଜବତ କରାଯାଇଛି। ପରେ ଏହାକୁ ଥାନାକୁ ନେଇ ରଖାଯାଇଛି। ସୂଚନା ଅନୁଯାୟୀ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ମାନସ ମହାପାତ୍ର ଓ କେଦାରନାଥ ନାୟକ, ବ୍ଲକ ଯୋଗାଣ ନିରୀକ୍ଷକ ହରପ୍ରିୟା ସାହୁ ଚାଉଳ ଯାଞ୍ଚ କରିଥିଲେ। ଏହି ଚାଉଳ ସରକାରୀ ଗୋଦାମରେ ରହିବା ପରିବର୍ତ୍ତେ ଏକ ଘରୋଇ ଗୋଦାମରେ ରଖାଯିବା ପାଇଁ ଉଦ୍ୟମ କରାଯାଉଥିବା କୌଣସି ସୂତ୍ରରୁ ଖବର ପାଇ ଏହାକୁ ଅଟକ ରଖିଥିବା ତହସିଲଦାର କହିଥିଲେ। ଦୁଇ ଟ୍ରକ୍‌ରେ ମୋଟ ୧୨୦ କୁଇଣ୍ଟାଲ ଚାଉଳ ଥିବା ଜଣାପଡ଼ିଛି। ତେବେ ଏହା ଅଙ୍ଗନୱାଡି ଚାଉଳ ହୋଇଥିବା ସନ୍ଦେହରେ ତହସିଲଦାର ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ସିଡିପିଓ ଇନ୍ଦୁରେଖା ନାୟକଙ୍କୁ ଡକାଇଥିଲେ। ସିଡିପିଓଙ୍କ ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ। ଏହାପରେ ତିହିଡ଼ି ବଜାର ସ୍ଥିତ ଉକ୍ତ ଘରୋଇ ଗୋଦାମକୁ ସିଲ୍ କରିଦିଆଯାଇଥିବା ସୂଚନା ମିଳିଛି।

**ଘରୋଇ ଗୋଦାମ ସିଲ୍**

## ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

# ପ୍ରତିବାଦରେ ସହର ପରିକ୍ରମା

ବାଲେଶ୍ୱର ଅଫିସ, ୪।୧





ସମାବେଶରେ ଯୋଗଦେଇଥିବା ଜନସାଧାରଣ।

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନାଗରିକ ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆରସି), ନୂତନ ପଦ୍ଧତିରେ ଜନଗଣନା (ଏନ୍‌ଆରପି)କୁ ବିରୋଧ କରି ବାଲେଶ୍ୱର ପ୍ରୋଗ୍ରେସିଭ୍ ସିଟିଜେନ୍ ଫୋରମ୍ ପକ୍ଷରୁ ଶନିବାର ସୁନହଟସ୍ଥିତ ଦରଘା ମଇଦାନରୁ ଶତାଧିକ ଲୋକ ଏକ ନୀରବ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଫୋରମ୍ ସଭାପତି ତଥା ଆଇନଜୀବୀ ସେକ୍ ଅବଦୁଲ୍ ରଫିକ୍‌ଙ୍କ ସଭାପତିତ୍ୱରେ ସେଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା।

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅପରିଣାମଦର୍ଶୀ କଳା ଆଇନକୁ ଦୃଢ଼ ବିରୋଧ କରିଥିଲେ। ଏହି ଆଇନ କାର୍ଯ୍ୟକାରୀ ହେଲେ ଦେଶରେ ଶହ ଶହ ବର୍ଷଧରି ବସବାସ କରିଆସୁଥିବା ପରିବାର ସଦସ୍ୟ ସେମାନଙ୍କର ନାଗରିକତା ହରାଇବେ। କେବଳ ମୁସଲମାନ ନୁହନ୍ତି, ସବୁଧର୍ମର ଲୋକ ଏହି ଆଇନ ଦ୍ୱାରା ପ୍ରଭାବିତ ହେବେ। ନାଗରିକକୁ ପ୍ରମାଣପତ୍ରର ଆଧାର ସଂଗ୍ରହ ପାଇଁ ଦେଶବାସୀ ଯେପରି ନୋଟ୍‌ବନ୍ଦୀ ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ, ସେହିଭଳି ଏହି ସମସ୍ୟାର ସମାଧାନ ପାଇଁ ବର୍ଷ ବର୍ଷ ଧରି ଏକ ଅରାଜକତା ଦେଶରେ ସୃଷ୍ଟି ହେବ ବୋଲି ବକ୍ତାମାନେ ସୂଚନା ଦେଇଥିଲେ। ସମ୍ବିଧାନରେ ସମସ୍ତ ନାଗରିକଙ୍କୁ ସମାନତାର ଅଧିକାର ଦିଆଯାଇଛି। କିନ୍ତୁ ବର୍ତ୍ତମାନର ସରକାର ଧର୍ମ ନାମରେ ଦେଶକୁ ପୁନଶ୍ଚ ଭାଗ ଭାଗ ପାଇଁ ସଂଘ ପରିବାରର ପରାମର୍ଶରେ ପରିଚାଳିତ ମୋଦି ଓ ଶାହାଙ୍କ ଉଦ୍ୟମ ସଫଳ ହେବନାହିଁ ବୋଲି କଂଗ୍ରେସ, ସିପିଆଇ, ସିପିଏମ୍ ଦଳ ସମେତ ବିଭିନ୍ନ ଧର୍ମନିରପେକ୍ଷ ରାଜନୈତିକ ଦଳ, ସାମାଜିକ ଓ ଗଣ ସଙ୍ଗଠନ ତରଫରୁ ପୂର୍ବତନ ବିଧାୟକ ଅରୁଣ ଦେ, ସଞ୍ଜୀବ ଗିରି, ପ୍ରଦୀପ୍ତ ପଣ୍ଡା, ଜୟନ୍ତ ଦାସ, ଭାଗବତ ସାହୁ, ଗଗନ ସେଠୀ, ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ପଦ୍ମଲୋଚନ ଲେଙ୍କା, ଭାଗବତ ପ୍ରତିହାରୀ ଓ ପ୍ରଜ୍ଞା ପାରମିତା ମହାନ୍ତି ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଆନ୍ଦୋଳନକୁ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଧାରାରେ ସମଗ୍ର ଦେଶରେ ଚଳାଇ ରଖିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଆସନ୍ତା ୮ ତାରିଖ କେନ୍ଦ୍ର ସରକାରଙ୍କ ବିରେଧରେ 'ଭାରତ ବନ୍ଦ'କୁ ଜିଲାରେ ସଫଳ କରିବା ପାଇଁ ନେତାମାନେ ନିବେଦନ କରିଥିଲେ। ଏକ ପ୍ରତିନିଧିଦଳ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୩ଦଫା ଦାବିପତ୍ର ପ୍ରଦାନ କରି ଏହି ଆଇନର ପୁନର୍ବିଚାର ପାଇଁ ନିବେଦନ କରିଥିଲେ। ହାଜି ସେକ୍ ଉସମାନ, ସଇଫୁଲ୍ ହକ୍, ମନୱର ଅଲ୍ଲୀ ଖାନ୍, ସେକ୍ ହମିଦ୍, ଇନ୍ତେକାବ ଅଲ୍ଲୀ ଖାନ୍, ମିର୍ ଅବଦୁଲ ମଜିଦ୍, ଅଜଗର ଅଲ୍ଲୀ, ସେକ୍ ସଫିକ୍, ସେକ୍ ହାଇଦର, ମୋହିନୀମୋହନ ପରିଡ଼ା ଓ ପ୍ରେମରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ